**NEW PAPER:** The Prameya

**DATE:** 21.11.2017

**PAGE:** Page - 19

ପ୍ରମେୟ
THE PRAMEYA

# ଏଏସ୍‌ବିଏମ୍‌ର ୭ମ ଏଚ୍‌ଆର୍ କଲୋକିୟମ୍




ଭୁବନେଶ୍ୱର,୨୦।୧୧(ବ୍ୟୁରୋ): ଅଗ୍ରଣୀ ବି-ସ୍କୁଲ, ଏସିଆନ ସ୍କୁଲ ଅଫ୍ ବିଜ୍‌ନେସ୍ ମ୍ୟାନେଜମେଣ୍ଟ (ଏଏସ୍‌ବିଏମ୍) ଆନୁକୂଲ୍ୟରେ ୭ମ ଏଚ୍‌ଆର୍ କଲୋକିୟମ ୨୦୧୭ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ଡ. ମହାଦେଓ ପ୍ରସାଦ ଜୟସ୍ୱାଲ ନୂତନତ୍ୱ, ସଚ୍ଚୋଟତା ତଥା ସାମଗ୍ରିକ ସମୃଦ୍ଧି ଉପରେ ଆଲୋକପାତ କରିଥିଲେ ।

କାର୍ଭି ଷ୍ଟକ୍ ବ୍ରୋକିଙ୍ଗ୍ ଲିମିଟେଡ୍‌ର ମାନବସମ୍ବଳ (ଏଚ୍‌ଆର୍) ମୁଖ୍ୟ ଦୀପକ ଗୁପ୍ତା, ଅନ୍ୟତମ ଅତିଥି ଭାବେ ଯୋଗଦେଇ ଅନୁଷ୍ଠାନର ସଫଳତା, ଏହାର ସଂସ୍କୃତି ଓ ଶୃଙ୍ଖଳା ଉପରେ ଅନେକାଂଶରେ ନିର୍ଭର କରେ ବୋଲି କହିଥିଲେ । ଅନୁଷ୍ଠାନର ପ୍ରତିଷ୍ଠାତା ଏବଂ ନିର୍ଦ୍ଦେଶକ ପ୍ରଫେସର ଡ. ବିଶ୍ୱଜିତ ପଟ୍ଟନାୟକ କଲୋକିୟମ୍‌ର ଶୀର୍ଷକ ଉପରେ ଆଲୋକପାତ କରି କହିଲେ ଯେ ଆଧୁନିକତା ଓ ପାରମ୍ପରିକ କୌଶଳ ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା କରିବା ଆଜିର ଏଚ୍‌ଆର୍ ପ୍ରଫେସନାଲଙ୍କ ପାଇଁ ଏକ ବଡ଼ ଆହ୍ୱାନ ।

ଆଲୋଚନାରେ ପ୍ରଫେସର ପ୍ରଭାତ କୁମାର ମହାନ୍ତି, ଆକ୍ସେନର ପରିଚାଳନା ନିର୍ଦ୍ଦେଶକ ଡଃ ତନ୍ୟା ମିଶ୍ର, ଏକ୍ସିସ୍ ବ୍ୟାଙ୍କର ଉପସଭାପତି ଏଚ୍‌ଆର୍ ସୁରଜ କୁମାର, ଏଇଏସ୍ ଇଣ୍ଡିଆର ଉପସଭାପତି ଏଚଆର ପରିତୋଷ ମିଶ୍ର, ଷ୍ଟାର ସିମେଣ୍ଟ ଲିମିଟେଡ୍ ଏଚଆର ମୁଖ୍ୟ ପ୍ରକାଶ ପଣ୍ଡା ଓ କଲ୍ୟାଣୀ ବିଶ୍ୱବିଦ୍ୟାଳୟ କୋଲ୍‌କାତାର କୁଳସଚିବ ପ୍ରଫେସର ଦେବାଂଶୁ ରାୟ ଭାଗନେଇ ବକ୍ତବ୍ୟ ରଖିଥିଲେ । ଅନୁଷ୍ଠାନର ଆସୋସିଏଟ୍ ଡିନ୍ ପ୍ରଫେସର ଡ. ଫଲଗୁ ନିରଞ୍ଜନା ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନୁଷ୍ଠାନର ପ୍ରତିଷ୍ଠାତା ଡ. ପଟ୍ଟନାୟକ ଅତିଥିମାନଙ୍କୁ ସ୍ମାରକୀ ପ୍ରଦାନ କରିଥିଲେ । କଲୋକିୟମର କୋର୍ଡିନେଟର ପ୍ରଫେସର ଭକ୍ତବନ୍ଧୁ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।